# ତପସ୍ୱିନୀ

ଗଙ୍ଗାଧର ମେହେର

## ଦ୍ୱିତୀୟ ସର୍ଗ

(ରାଗ- ରାମକେରୀ)

09 August 2009

(Last updated: ୨୧ ଫେବୃୟାରି ୨୦୧୦)
http://www.iopb.res.in/~somen/GMeher

ବାଲ୍ମୀକି-ଆଶ୍ରମ-ରାଜ୍ୟରେ
ଶାନ୍ତି ରାଜତ୍ୱ କରେ,
କୋଷ ପୂର୍ଣ୍ଣ କରି ପାଦପ–
ଦଣ୍ଡ ସୁଚ୍ଛାୟା କରେ ।
ଅକପଟେ ତାହା ଦିଅନ୍ତି,
ସେହି ପାଦପମାନେ,
ଅଯାଚିତେ ନିଜ ଶରୀର–
ମାନଦଣ୍ଡର ମାନେ ।
ପ୍ରକୃତି-ସମରେ ସେମାନେ
ପୁଣି ହୁଅନ୍ତି ସେନା,
ଆବରଣ କରି ଶରୀରେ
ଘନ-ପଲ୍ଲବ-ସେନ୍ତା ।
କରି ବରଷାର ବ୍ୟାୟାମେ
ଅଙ୍ଗ-ପୁଷ୍ଟି-ସାଧନ,
ଆତପକୁ ଜିଣି ଆଣନ୍ତି,
ତାର ଆଲୋକ-ଧନ ।
ଶୀତ-ଆକ୍ରମଣୁ କରିବା
ପାଇଁ ରାଜ୍ୟକୁ ତ୍ରାଣ,
ଧୂନିରୂପେ ପୁଣି ହୁଅନ୍ତି
କେତେ ଅନଳ-ବାଣ ।
ବିଜିତ ପ୍ରକୃତି ସମୟ–
ଜାଣି ସମ୍ପଦେ ତୋଷ,
ପାଦପଙ୍କ କରେ ସମର୍ପି
ଫଳ-ପ୍ରସୂନ କୋଷ ।
ଗର୍ଭେ ଧରି ତାରା-ରତନ
ପୂର୍ଣ୍ଣ-ଗଗନ-ସିନ୍ଧୁ,
ଅଗସ୍ତ୍ୟ-ଗରିମା ଶୋଷନ୍ତି
ପ୍ରତି ଶିଶିର-ବିନ୍ଦୁ ।
ସାଗର ଗରବେ ପାଦପ–
ଆଳବାଳର ଜଳ,
ପୋଷି ରଖୁଥିଲେ ଗରଭେ
ସୁଧାକର ମଣ୍ଡଳ ।
ଅକସ୍ମାତ କରି ପ୍ରବେଶ
ରାମବଧୂ–ରୋଦନ,

ଘନଘନ କଲା କମ୍ପିତ
ଶାନ୍ତି-ଦେବୀ-ସଦନ !
ବିଚଳିତ ହୋଇ କରୁଣା–
ବଡ଼ୀ ଶାନ୍ତି ବାହନ
ଲୋଡ଼ିଲେ ରୋଦିନୀ ଲକ୍ଷ୍ୟରେ
ଯିବାପାଇଁ ବହନ ।
ମୁନି-କୁମାରୀଏ ବାହାରି
ଲାଗିଥିଲେ ସେ କ୍ଷଣେ,
ବାତ-ବ୍ୟସ୍ତ ନବ ବୀଟପି–
ବଲ୍ଲୀ ପର୍ଯ୍ୟବେକ୍ଷଣେ ।
ନବ ରବ ଏକ କର୍ଣ୍ଣରେ
ତାଙ୍କ ଯିବାରୁ ଲାଗି,
ମନ ନିୟୋଜିଲେ ତାହାକୁ
ଧରି ଚିହ୍ନିବା ଲାଗି ।
ଧରି ମନ ତାକୁ ଦେଖିଲା
ନୁହେ କପୋତ-ସ୍ୱନ
ନୁହଇ କୋକିଳ କାକଳି,
କିମ୍ବା ବୀଣା-ନିକ୍ୱଣ ।
ନୁହେଁ ଶଙ୍ଖନାଦ, ନୁହଇ
ପୁଣି ମୟୂର-କେକା,
ଲଳନା-କରୁଣ-କଣ୍ଠର
ସ୍ୱର ନିର୍ଝର ଏକା ।
ସେହି କୁମାରୀଙ୍କ ହୃଦୟ–
ରଥେ ବସି ଚଞ୍ଚଳ,
ଚଳାଇଲା ଶାନ୍ତି, ଉଡ଼ିଲା
ଧ୍ୱଜ-ବଲ୍କଳାଞ୍ଚଳ ।
ରୋଦନ ତରଙ୍ଗ ଦର୍ଶନେ
ଶାନ୍ତି ଚକିତ ହେଲା,
ତଥାପି ସମୀପେ ଯିବାକୁ
ଲବେ ନ କଲା ହେଳା ।
କୁମାରୀଏ ଯାଇ ଅନତି–
ଦୂରେ କଲେ ଦର୍ଶନ,
ଅପୂର୍ବ ନାରୀଏ କରୁଛି
ଘୋର ଅଶ୍ରୁ-ବର୍ଷଣ ।

ଚକିତ ଚିତ୍ତେ କେ ଭାବିଳା,
'ଏ ତ ବିଚିତ୍ର କଥା,
ଏ ବନେ ଏଭଳି ମାନବୀ
ଅସମ୍ଭବ ସର୍ବଥା ।
ସ୍ୱର୍ଗପୁରୁ କେଉଁ ଦେବୀ କି
ସଦ୍ୟ-ଶାପର ଫଳେ,
ସ୍ୱଦେହରେ ଖସିପଡ଼ିଛି
ଆସି ଅବନୀ-ତଳେ ?
ଭ୍ରମୁ ଭ୍ରମୁ କିବା ଅଭ୍ରରେ
ଅଭ୍ରମାତଙ୍ଗ ଚଢ଼ି,
ପୁରନ୍ଦର-ପୁର-ଶୋଭିନୀ
ପଡ଼ିଅଛନ୍ତି ଗଡ଼ି !'
କିଏ ବା ଭାବିଳା, 'ଜାହ୍ନବୀ
ଅବା ମୂର୍ତ୍ତିମତୀ କି,
ଲୋତକ-କଲ୍ଲୋଳେ ଭସାଉ-
ଛନ୍ତି ବସୁମତୀ କି ?
କରକା ପରାୟେ କରୁଣା
କିବା ସ୍ୱର୍ଗରୁ ଗଳି,
ପର-ଦୁଃଖତାପେ କ୍ରମଶଃ
ଭବେ ଯାଉଛି ଗଳି ?
ନ ହେଲେ ଏ ଘନ-କୁନ୍ତଳା
ଘନ ସହିତ ତାରା,
ଖସିପଡ଼ିବାରୁ ଧରାରେ
ବହିଯାଉଛି ଧାରା ।
ହୋଇଥାନ୍ତା ଯଦି ରୋଦନ-
ଧ୍ୱନି ଚମକପ୍ରଦା,
ବୋଲନ୍ତୁ ଆସିଛି ଜଳଦ-
ସଙ୍ଗେ ଏ ଶତହ୍ରଦା ।
ଶିଶିର-ବର୍ଷିଣୀ ଚନ୍ଦ୍ରିକା
ପିକ-ସ୍ୱର-ମୁଖରା
କାହିଁ, କାହିଁ ଝିଲ୍ଲୀ-ରାବିଣୀ
ଖର ନିଦାଘ ଖରା ?
ବୀଣା ଥାନ୍ତା ଯଦି ହସ୍ତରେ
ବୋଲୁଥାନ୍ତୁ ଭାରତୀ,
କାନ୍ଦୁଛନ୍ତି ବିଷ୍ଣୁ-ବିରହେ
ଅବା ହୋଇ ଆରତୀ !'
ଭାବି ଭାବି ମୁନିସୁତାଏ
ଗଲେ ଜାନକୀ ପାଶ,
ସାହସ ନ ହେଲା ଦେବାକୁ
କିନ୍ତୁ ତାଙ୍କୁ ଆଶ୍ୱାସ ।
ବରଷାର ମହାନଦୀର
ଗାଢ଼ ଆବିଳ ଜଳ,
ସ୍ୱଚ୍ଛ କରିବାକୁ କି ରୂପେ
ହେବ ନିର୍ମଳୀ ବଳ ?
ଇବ, ଅଙ୍ଗ, ତେଲ ସଙ୍ଗରେ
ସେହି ନଦୀ ଯେସନ,
କୁମାରୀଙ୍କି ପାଇ ବଢ଼ିଲା
ସୀତା ଶୋକ ତେସନ ।
କିଛି ନ ପଚାରି କୁମାରୀ-
ମାନେ ରହିଲେ ବେଢ଼ି,
ଯାଇ ନ ପାରିଲେ ସେନେହ
ହେଲା ପାଦକୁ ବେଡ଼ି ।
ବିକଳେ ଅନାଇ କେବଳ
ତାଙ୍କ ଶାନ୍ତ ଲୋଚନ,
କଲା କ୍ଷୁବ୍ଧ-ହୃଦ-ବେଦନା
ବୀଚି-ଜଳ-ମୋଚନ ।
ଲୋତକ-ପ୍ଲାବିତା-କୁମାରୀ-
ବୃନ୍ଦ ମଧ୍ୟରେ ସତୀ,
ବିକଳ ପରାଣେ ବିଳପି
ଶୋକ-ଜଳେ ଭାସନ୍ତି ।
ଚକ୍ରବାତଜାତ ପୃଷତ-
ସ୍ନାତ ପଦ୍ମିନୀବନେ,
କଳରାଜହଂସୀ କୂଜଇ
କିବା ଆରତ ସ୍ୱନେ ।
ସହୀ ଏକ ସହି ନ ପାରି
ଯାଇ ବାଲ୍ମୀକି ପାଶେ,
ଜଣାଇଲା ଖେଦପୂରିତ
କ୍ଳେଶ-ଚଞ୍ଚଳା ଭାଷେ ।

'ଭୋ ତାତ ! ଏ ବନେ ନାରୀଏ
ନବନୀତ ପିତୁଳୀ-
ସମ ଦିଶେ, ଆସି କାନ୍ଦୁଛି
ଯେହ୍ନେ ହୋଇ ବାତୁଳୀ ।
ସମ୍ବୋଧନ କରି ଥରକୁ-
ଥର ତା' ପ୍ରିୟ କାନ୍ତେ,
ପତି-ଗୁଣ, ପତି-ବାତ୍ସଲ୍ୟ
ସ୍ମରୁଅଛି ଏକାନ୍ତେ ।
ଲଳିତ ଦିଶୁଛି ଲଲାଟେ
ତାର ସିନ୍ଦୁରବିନ୍ଦୁ,
ମୁଖ-କମଳକୁ ହୋଇଛି
ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ ।
କରଯୁଗଳରେ ଶୋଭୁଛି
ଚାରୁ ରତନ-ଚୂଡ଼ି,
ବିଷାଦ-ସାଗର-ପୁଳିନେ
ଝୁଲୁଅଛି ନ ବୁଡ଼ି ।
ଦରବିକଶିତ କମଳେ
ବରାଟକ ପରାଏ,
ଶତଦଳ-ରୁଚି ରୁଚିର
ବେଳେ ସେ ଶୋଭାପାଏ ।
ତିନ୍ତାଇ ଦେଉଛି ବାସକୁ
ତାର ନୟନ-ବାରି,
ଦେବୀ କି ମାନବୀ ସହଜେ
ହେଉନାହିଁ ତ ବାରି ।'
ଶୁନି ମୁନିବର ମଉନେ
ନିମୀଳିତ ଈକ୍ଷଣେ,
କାୟ, ଶିର, ଗ୍ରୀବା ସଳଖି
ବସିରହିଲେ କ୍ଷଣେ ।
ଉଠି ପୁଣି 'ଚାଲ ଦେଖିବା'
ବୋଲି ହେଲେ ବାହାର
ମୁନି ପଛେ ପଛେ ଚାଲିଲେ
ବହୁ ମୁନିକୁମାର ।
କୌତୂହଳେ ଗଲେ ଯେ ଥିଲେ
ମଠେ ମୁନିନନ୍ଦିନୀ,
ଡାକି ଆସିଥିଲା ଯେ ସଖୀ
ହୋଇ ତାର ସଙ୍ଗିନୀ ।
ଚାଲିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ଶାବକ,
ବୃକ୍ଷୁଁ ବୃକ୍ଷେ ଡେଇଁ ଚଳିଲେ
ପିକ, ମୟୂର, ବକ ।
ସମୀର-ସାଗରେ ଛାଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ସାରୀ, କପୋତ,
ଅଭିଯାନ କଲା ଶାନ୍ତିର
ଏହା ବୀରବାହିନୀ,
ସୀତା-ଶୋକ-ଶିଳାଶ୍ରେଣୀକୁ
ଯେହ୍ନେ ଘୋର ବାହିନୀ ।
ମହାନାଦୀ ମହାନଦୀର
ମହାପ୍ରବାହ ଆସି,
ରାମେଶ୍ୱର-ଶିଳା-ସବୁକୁ
ଦେଲେ ସଣିରେ ଗ୍ରାସି ।
ଟଳିବେ କି ଶିଳା ସକଳ
ସ୍ରୋତ କମ୍ପିବ ସିନା,
ବିଘୂର୍ଣ୍ଣିତ ଶିରେ ପଡ଼ିବ
ଗତି ପଦ୍ଧତି ବିନା ।
ସେ ଦଶା ଭୋଗିବ ନାହିଁ ତ
ଶାନ୍ତି ଏ ଅଭିଯାନେ ?
ଲାଗୁ, ଲାଗିଛି ତ ପ୍ରମତ୍ତ
ହୋଇ ସ୍ୱ-ଅଭିମାନେ ।
କିଛି ଦୂରେ ଯାଇ ମିଳିଲେ
ମୁନି ଜାନକୀ ପାଶେ,
ଆଉମାନେ ଦେଡ଼ି ରହିଲେ
ତଳେ, ଡାଳେ, ଆକାଶେ ।
ଶ୍ୱେତ-ଶ୍ମଶ୍ରୁ-କେଶ-ବିଭୂତି-
ବପୁ ସୌମ୍ୟ ମୂରତି
ବାଲ୍ମୀକି ମହର୍ଷି ସମୀପେ
ହେମଗଉରୀ ସତୀ ।

ଦିଶିଲେ ଯେମନ୍ତ ତୁଷାର-
ତନୁ-ହିମାଦ୍ରି-ତଳେ,
ତପସ୍ୱିନୀ ଉମା ମଉନେ
ରହିଛନ୍ତି ନିଶ୍ଚଳେ ।
ମୁନି ଆଗମନେ ଜାନକୀ
ଶୋକ କଲେ ନିବର୍ତ୍ତ,
ହୃଦୟରେ ହେଲା ସ୍ଥଗିତ
ଚିନ୍ତା-ଚକ୍ର-ଆବର୍ତ୍ତ ।
ବୋଇଲେ ମହର୍ଷି ସୀତାଙ୍କୁ
" ବତ୍ସେ, ପାରିଛି଼ଁ ଜାଣି,
ବିରହ-ବିପଦ ତୋହର
ବହିଅଛି ଉଜାଣି ।
ସ୍ରୋତସ୍ୱତୀ-ଗତି ସହଜ
ଥାଏ ସାଗର ଆଶେ,
ଲଙ୍ଘେ ଶିଳା-ଶୈଳ-ସଙ୍କଟ
ଯେବେ ବିରୁଦ୍ଧେ ଆସେ ।
ବାରିଧି-ସଙ୍ଗମେ ବିସ୍ମରେ
ସବୁ ବିଗତ କ୍ଲେଶ,
ଉଭୟ ଜୀବନେ ନ ରହେ
ଆଉ ପ୍ରଭେଦ ଲେଶ ।
ବିଧିବଶେ ଉଠି ମଧ୍ୟରେ
ଯେବେ ଉର୍ଦ୍ଧ୍ୱକୁ ଭେଦି,
ବାଲିସ୍ତୂପ ଦିଏ ସରିତ
ସିନ୍ଧୁ-ହୃଦୟ ଛେଦି ।
ସରିତ ମରି-ତ ନ ପାରେ
ତାର ଜୀବନ-ଭାର,
ହୃଦୟ ପ୍ରସାରି ରଖଇ
ହୋଇ ହ୍ରଦ ଆକାର ।
ଅବିକଳ ସେହି ଦଶା ମା'
ଭବେ ଘଟିଛି ତୋର,
ଚିନ୍ତାକୁ ତୁ ବୃଥା ନ କର
ଚିତା ସ୍ୱରୂପ ଘୋର ।
ଶ୍ୱଶୁର ତୋ ମୋର ସୁହୃଦ
ସେହିପରି ତୋ ପିତା,
ଅସଂକୋଚେ ରହ ଆଶ୍ରମେ
ମଣି ସଂସାର ପିତା ।
ମୋ' ଆଶ୍ରମେ ତୋର ନଥିବ
କଉଣସି ଭାବନା,
ଜନମିବ ଯେଉଁ ସନ୍ତାନ
ତା'ର ପାଇଁ ଭାବ ନା ।"
ମୁନି-ବାଣୀ ଶୁଣି ଜାନକୀ
ମୁନି-ଚରଣ-ତଳେ
ପଡ଼ି, ଉଠି ଗଣ୍ଡ ପୋଛିଲେ
ନିଜ ବସନାଞ୍ଚଳେ ।
"ବୀର ପ୍ରସବିନୀ ହୁଅ ମା"
ବୋଲି ଶୁଭ ଆଶିଷ,
ଦେଇ ଆଶ୍ୱାସିଲେ ମଧୁରେ
ମୁନି-ମଣ୍ଡଳାଧୀଶ ।
ପୁନଶ୍ଚ ବୋଇଲେ,"ଆସ ମା,
ଆଉ ନ କର ମଠ,
କୁମାରୀମଣ୍ଡଳ ମଧ୍ୟରେ
ରହି ମଣ୍ଡ ମୋ'ମଠ ।"
କିସ କିସ ଅଛି ଧର ଗୋ
ବେଗେ କୁମାରୀମାନେ,
ବୋଲନ୍ତି ମହର୍ଷି, କନ୍ୟାଏ
ତାହା କଲେ ସମ୍ମାନେ ।
ଟଣାଟଣି ହୋଇ ସତୀଙ୍କ
ଚାରୁ ପେଟିକାମାନ,
ଧରି ବେଢ଼ି ତାଙ୍କୁ ସାଦରେ
କରାଇଲେ ପ୍ରସ୍ଥାନ ।
ପ୍ରହାରି ପ୍ରହାରି ପାଦୁକା
ମୁନି ଦୁର୍ଗତି ଶିରେ,
ରାମ-ହୃଦ-ପ୍ରେମ-ପ୍ରତିମା
ଆଗେ ଚାଲିଲେ ଧୀରେ ।
କାଷାୟ-ବସନୁ ମହର୍ଷି
ହେଲେ ଅନୁରୂପମ,
ପଛେ ବଇଦେହୀ ଦିଶିଲେ
ଭାନୁ-ଦୀଧିତି-ସମ ।

ବୁଡ଼ିଥିଲା ସେହି ଦୀଧିତି
ଦୁଃଖ-ଅର୍ଣ୍ଣବ-ଅର୍ଣ୍ଣେ,
ଅନୂରୁ ତହିଁରେ ବିରାଜୁ-
ଥିଲେ ଉଜ୍ଜ୍ୱଳ ବର୍ଣ୍ଣେ ।
ମହାପତି ମହାସତୀଙ୍କ
କଥାବାର୍ତ୍ତା ସକଳ,
ଶୁଣୁଥିଲେ ବସି ବିହଙ୍ଗ-
ଦଳ ନ କରି କଳ ।
ଦେଖନ୍ତେ ତାହାଙ୍କ ଆଶ୍ରମ-
ଅଭିମୁଖେ ଗମନ,
ପ୍ରମୋଦରେ କଲେ ନିସ୍ୱନଃ
ହୋଇ ପ୍ରଫୁଲ୍ଲ-ମନ ।
ବାଜିଗଲା ପରା ଶାନ୍ତିର
ରଣ-ବିଜୟ-ଘୋଷ !
ନାଚି ନାଚି ମୃଗ-ଶାବକେ
କଲେ ପ୍ରକାଶ ତୋଷ ।
ନବ ଅତିଥିଙ୍କ ମୁଖକୁ
ମଣି ସ୍ନେହ-ସାଗର,
ସତୃଷ୍ଣ ନୟନେ ଅନାଇ-
ଥାନ୍ତି ଥରକୁ ଥର ।
ଜୟ ଲକ୍ଷ୍ମୀ-ରୂପେ କରନ୍ତି
ଶାନ୍ତି-ପୁରକୁ ବିଜେ,
ଅଶାନ୍ତି-ସାଗର-ଉତ୍‌ଥିତା
ରାମ-ରମଣୀ ନିଜେ ।
ଟେକି ଚନ୍ଦ୍ରକିତ ବରହ
ବେନି ବାଁଥିରେ ରହି,
ଚାଲିଲେ ଉଭୟ ପାର୍ଶ୍ୱରେ
ଶତଶତ ବରହୀ ।
ସୁକୁମାର କରି-ଶାବକେ
କରେ ଟେକି କମଳ,
ଠେଲାଠେଲି ହୋଇ ଚାଲିଲେ
ସଙ୍ଗେ ଦଳକୁ ଦଳ ।
ପାଦପେ ଝୁଲିଲା ପଲ୍ଲବ
ଶୋଭି ପୁଷ୍ପ-ସ୍ତବକେ,
ଧାଡ଼ି ଧାଡ଼ି ଶ୍ୱେତ ପତାକା
ତହିଁ ହୋଇଲେ ବକେ ।
ମଧୁରେ ଗାଇଲେ କୋକିଳ-
କୁଳ ମଙ୍ଗଳ ଗୀତ,
ଅଳି-ସ୍ୱନେ ଜୟ-ଶଙ୍ଖର
ଧ୍ୱନି ହେଲା ବ୍ୟଞ୍ଜିତ ।
ବାରମ୍ବାର ଉଡ଼ି ବୃକ୍ଷରୁ
ହୋଇ ମୁକୁତ-ମୁଷ୍ଟି,
ଶୁକ ସାରୀ ଦଳ ମାର୍ଗରେ
କଲେ କୁସୁମ ବୃଷ୍ଟି ।
ବନ୍ଦାପନା ଦୀପ ଜଳିଲା
ଏଣେ ଗୋଧୂଳି-ତାରା,
ବିରାଜିଲେ ଋଷି-ଆଶ୍ରମେ
ରାମ-ନୟନ-ତାରା ।
ବାଲ୍ମୀକି ନଦେଖେ ଉଟଜେ
ସବୁ ପେଟିକା ଥୋଇ,
କନ୍ୟା ଏକ ଦେଲା ସତୀଙ୍କ
ମୁଖ-ମଣ୍ଡଳ ଧୋଇ ।
କନ୍ୟା ଏକ ଜଳ-କଳସ
ତାଳୁଁ ତାଳୁଁ ଚରଣେ,
ତା'ହସ୍ତରୁ ନେଇ ସ୍ୱପଦ
ପ୍ରକ୍ଷାଳିଲେ ଆପଣେ ।
ସତୀଙ୍କି ବସାଇ ସୂତାଏ
ମୃଦୁ ପଲ୍ଲବାସନେ,
ଫଳମୂଳ ଆଣି ସମକ୍ଷେ
ଦେଲା ପର୍ଣ୍ଣ-ବାସନେ ।
ଅନୁକମ୍ପା ନାମେ ବୃଦ୍ଧାଏ
କରି ସତୀଙ୍କି କୋଳ,
ପୋଛିଦେଲେ କର-କମଳେ
ତାଙ୍କ ଭାଲ କପୋଳ ।
ମମତା-ପ୍ରପାତ-ସେନେହ
ସ୍ୱଚ୍ଛ ଉଜ୍ଜ୍ୱଳ ଜଳ,
ପକାଇ ସତୀଙ୍କ ପରାଣ
ପ୍ଲାବି କରି ଶୀତଳ ।

ମୁଖ ଚାହିଁ ଚାହିଁ ବୋଇଲେ
ଧୀରେ କୋମଳ ଭାଷେ,
"ମୋ ଭାଗ୍ୟକୁ ମାଆ ଆସିଛୁ
ଆଜ ତୁ ମୋର ପାଶେ ।
ରାଜରାଜେଶ୍ୱରୀ ମାଆ ତୁ
ସ୍ୱର୍ଣ୍ଣମନ୍ଦିର ତୋର,
ତମଃପୂର୍ଣ୍ଣ କରି ଉଜ୍ଜ୍ୱଳ
କଲୁ କୁଟୀର ମୋର ।
ଦିନଯାକ କରି ନ ଥିବୁ
ପରା କିଛି ଆହାର,
ପୁଅ କରୁଥିବ ଗରଭେ
ଚଳି ପାଦ-ପ୍ରହାର ।
ମାଆ ମା'! ମାଆ ମା'! ମା'ଘରେ
ତୋର କି ଅଛି ଲାଜ,
ଚାହିଁ ରହିଛନ୍ତି ତୋତେ ତୋ'
ଏହି ସଖୀ-ସମାଜ ।"
ବୋଲି ନିଛି ଦେଇ ଧରାଇ-
ଦେଲେ ନାରଙ୍ଗୀ-କଳି,
ଗୋଟି ଗୋଟି କରି କର୍ପୂର
କାନ୍ତି ପକ୍ୱ କଦଳୀ ।
ବୀଜ ଭିନ୍ନ କରି କୁଳକ
ଖଣ୍ଡ ଖଣ୍ଡ ପନସ,
ସୁମଧୁର ପିଣ୍ଡ ଖର୍ଜ୍ଜୁର
ସହକାର ସରସ ।
ବାରମ୍ବାର ବୋଲି ମଧୁରେ
"ଧୀରେ ଭୁଞ୍ଜ ମା, ଭୁଞ୍ଜ"
କରେ ଦେଲେ ଭାଙ୍ଗି କରକ-
ମଞ୍ଜି ପୁଞ୍ଜାକୁ ପୁଞ୍ଜ ।
ଅବଶେଷେ "ଆଉ ଦିଓଟି,
ଆଉ ଦିଓଟି" ବୋଲି,
ଭୁଞ୍ଜାଇଲେ ସେହୁ ସତୀଙ୍କି
ଆଠ ଦଶୋଟି କୋଳି ।
ମାତୃ-ସ୍ନେହ-ସୁଖ ନ ଥିଲେ
ବୃଦ୍ଧି ବାଲ୍ୟ-ଜୀବନେ,
ସେହି ସୁଖ ସତୀ ବୁଝିଲେ
ଆଜି ବାଲ୍ମୀକି ବନେ ।
ଆଚମନ କରି ଜାନକୀ
ଫଳ ଭୋଜନ ଶେଷେ,
କାଷ୍ଠ ଆସନରେ ବସିଲେ,
ତାପସୀଙ୍କ ନିର୍ଦ୍ଦେଶେ ।
କୁମାରୀଏ ଦେଲା କୋରଙ୍ଗୀ
ଫଳ ଦେବୀଙ୍କ କରେ,
ମୁଖେ ପକାଇଲେ ସୁମୁଖୀ
ତାହା ଘେନି ସାଦରେ ।
କନ୍ୟା ଏକ ଆଣି କୋମଳ
ଶୁଷ୍କ ନୀବାର ନାଳ,
ଶଯ୍ୟା କରିଦେଲା ତହିଁରେ
ପାରି ହରିଣ ଛାଲ ।
ସଖୀ ଦୁଇ ତହିଁ ରହିଲେ
ବଇଦେହୀଙ୍କ ପାଶେ,
ଆଉମାନେ ହେଲେ ଅନ୍ତର
ନିଜ ନିଜ ଆବାସେ ।

- - — —